# Akashvani, Sambalpur

## SAMBALPURI NEWS EVENING BULLETIN

## 8 April 2026-7.02- 7.12 pm.

---

୧- ୨୦୨୬ ଖରିଫ୍ ଋତୁ ଲାଗି ଫସ୍ଫେଟିକ୍ ଆଉ ପଟାସିକ୍ ସାର୍ ଉପ୍ରେ ପୁଷ୍ଟିକର ତତ୍ୱ ଆଧାରିତ ସବ୍ସିଡ଼ି ହାରକେ ଅନୁମୋଦନ୍ କଲେ କେନ୍ଦ୍ର ସର୍କାର୍ ।

୨- ଯୁବ ବର୍ଗଙ୍କର୍ ଲାଗି ଆଏବା ଦଶନ୍ଧି ସୁବର୍ଣ୍ଣ ଯୁଗର୍ ଆରମ୍ଭ - କହେଲେ ମୁଖ୍ୟମନ୍ତ୍ରୀ ।

- ଖୋର୍ଦ୍ଧା ଭୂଇଁପୁର୍ ଠାନେ ୪୦ ହଜାର୍ ୮ ଶହ ୧୧ କୋଟି ଟଙ୍କାର୍ ୩୬ ଟା ଶିଳ୍ପ ପ୍ରକଳ୍ପର୍ କଲେ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ ।

୩- ଓଡ଼ିଆ ପକ୍ଷ ପାଲନ୍ର ୮ ନମ୍ବର୍ ଦିନେ ସାରା ରାଏଜେ ହେଲା ରକ୍ତଦାନ୍ ଶିବିର୍ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଅଲଙ୍କାର୍ର ଗନ୍ତି ମନ୍ତିର୍ ୨ ନମ୍ବର୍ ଖେପ୍ ଆଏଜ୍ଠାନୁ ହେଲା ମୁଲ୍ ।

କେବିନେଟ୍-ସାର୍ ସବ୍‌ସିଡ଼ି          ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ୨୦୨୬ ଖରିଫ୍ ଋତୁ ଲାଗି ଫସ୍‌ଫେଟିକ୍ ଆଉ ପଟାସିକ୍ ସାର୍ ଉପ୍‌ରେ ପୁଷ୍ଟିକର ତତ୍ୱ ଆଧାରିତ ସବ୍‌ସିଡ଼ି ହାରକେ ଅନୁମୋଦନ୍ କରିଛନ୍ । ନୂଆଦିଲ୍ଲୀ ନ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ୨୦୨୬ ଖରିଫ୍ ଋତୁ ଲାଗି ପାଖାପାଖି ୪୧ ହଜାର୍ ୫ ଶହ ୩୩ କୋଟି ଟଙ୍କା ବଜେଟ୍ ଦର୍‌କାର୍ ହେବା । ଇ ନିଷ୍ପତି ଚାଷୀମାନ୍‌କୁ ସବ୍‌ସିଡ଼ି, ଠିକ୍ ଦାମ୍‌ଥି ସାର୍ ଯୁଗାବାର୍‌ଟା ସୁନିଶ୍ଚିତ୍ କର୍‌ବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ମୁଦ୍ରା ଯୋଜ୍‌ନା       ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ଆଏଜ୍ ୧୧ ବଛର୍ ପୁରା କରିଛେ । ୨୦୨୫ ଏପ୍ରିଲ୍ ୮ ତାରିଖ୍ ଦିନ ଇତାର୍ ଶୁଭାରମ୍ଭ ହେଇଥିଲା । କେନ୍ଦ୍ର ସର୍‌କାର୍‌ଙ୍କର୍ ଇ ମହତ୍ୱାକାଂକ୍ଷୀ ଯୋଜ୍‌ନା

ଅଣୁ ଉଦ୍ୟୋଗ୍ ଆଉ ଯୁବ ବ୍ୟବସାୟୀ ମାନ୍‌କୁ ଆର୍ଥିକ୍ ପ୍ରୋତ୍ସାହନ୍ ଲାଗି ସେମାନ୍‌କର୍ ଔଦ୍ୟୋଗିକ୍ ବିକାଶ୍ ଦିଗେ ସହାୟକ୍ ହେଉଛେ । ଯୁବବର୍ଗମାନ୍‌କର୍ ଭିତ୍‌ରେ ଆତ୍ମନିଯୁକ୍ତିକେ ପ୍ରୋତ୍ସାହନ୍ ଦେବାର୍‌ଥି ପ୍ରଧାନ୍‌ମନ୍ତ୍ରୀ ମୁଦ୍ରା ଯୋଜ୍‌ନା ବହୁତ୍ ଲାଭ୍‌ଦାୟକ୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ବ୍ୟକ୍ତିବିଶେଷ୍‌ମାନ୍‌କୁ ଠିକ୍ ସୁଯୋଗ୍ ଦିଆଗଲେ ସେମାନେ ଆତ୍ମନିର୍ଭର୍ ହେବାର୍ ସହେତେ ଦେଶର୍ ପ୍ରଗତିଥି ଉଲ୍ଲେଖନୀୟ ଅବଦାନ୍ ଦେଇପାର୍‌ବେ ବଲି ଶ୍ରୀ ମୋଦୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଗୁଟେ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ସାରା ପୁର୍‌ଥି ନ ଉଭା ହେଇକରି ଦେଶେ ନିଜର୍ ଶ୍ରେଷ୍ଠତା ପ୍ରତିପାଦନ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଖୋର୍ଦ୍ଧା ଜିଲ୍ଲା ଭୂଇଁପୁର୍ ଠାନେ ଆଏଜ୍ ୪୦ ହଜାର୍ ୮ ଶହ ୧୧ କୋଟି ଟଙ୍କାର୍ ୩୬ ଟା ଶିଳ୍ପ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ କରିକରି

ମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟକେ ଶିଳ୍ପର୍ କେନ୍ଦ୍ରସ୍ଥଲ୍ କର୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ସବୁ ପ୍ରକାରର୍ ସୁବିଧା ସୁଯୋଗ୍ ଯୁଗେଇ ଦିଆଯାଉଛେ । ଗୁଟେ ଧାରିଜ୍ ଶିଳ୍ପାୟନ୍ ଲକ୍ଷ୍ୟଥି ରାଜ୍ୟ ଆଗ୍କେ ବଢୁଛେ । ଆଏବା ଦଶନ୍ଧି ଯୁବ ବର୍ଗଙ୍କର୍ ଲାଗି ସୁବର୍ଣ୍ଣ ଯୁଗର୍ ଆରମ୍ଭ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକେ ପୁରା କର୍ବାର୍ ଲାଗି ସର୍କାର୍ ସବୁ ଜିଲ୍ଲା ନ ଶିଳ୍ପ ପ୍ରକଳ୍ପ ସହେତେ ରୋଜ୍ଗାର୍ ସୁଯୋଗ୍ ତିଆର୍ କରୁଛନ୍ । ଆଝିରର୍ ଇ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ ଲାଗି ୫୯ ହଜାର୍ ନୁ ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ନୂଆଁ ସର୍କାର୍ର ଗଲା ୨୧ ମାସ୍ ଭିତ୍ରେ ଅଢ଼େଇ ଲାଖ୍ କୋଟି ଟଙ୍କାର୍ ୯ ଟା ଶିଳ୍ପ ପ୍ରକଳ୍ପର୍ ଉଦ୍ଘାଟନ୍ ଆଉ ଶିଲାନ୍ୟାସ୍ ହେଇଛେ । ଚଲ୍ତି ବଜେଟ୍ଥି ଭିତିଭୂମିର୍ ବିକାଶ୍ ଲାଗି ସର୍କାର୍ ୭୨ ହଜାର୍ କୋଟିନୁ ଅଏତ୍କା ଟଙ୍କାର୍ ବ୍ୟୟବରାଦ୍ କରିଛନ୍ ।
ଯୁଆନ୍ ପିଢ଼ି ଦକ୍ଷତା ଉପ୍ରେ ସର୍କାର୍ ଜୋର୍ ଦେବାର୍ ସହେତେ
ଶିଳ୍ପପତି ଆଉ ନିବେଶକ୍ମାନ୍କର୍ ଲାଗି ଗୁଟେ ସୁରକ୍ଷିତ୍ ଆଉ ଅନୁକୂଳ ପରିବେଶ୍ ତିଆର୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ

ମାଝୀ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଶିକ୍ଷ ଆଉ ଦକ୍ଷତା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ସାଂସଦ୍ ଅପରାଜିତା ଷଡ଼ଙ୍ଗୀ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ ।

ପୋଷଣ ପଖ୍‌ୱାଡ଼ା-୨୦୨୬ ଏନ୍‌ଏସ୍‌ଡି

ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ସାରା ଦେଶେ ଆଏବା କାଏଲ୍‌ଠାନୁ ପୋଷଣ ପଖ୍‌ୱାଡ଼ା -୨୦୨୬ ର ୮ ନମ୍ବର୍ ସଂସ୍କରଣ୍ ପାଳନ୍ କରାଯିବା । ପୁଷ୍ଟିକର ଖାଏବାର୍ ଉପ୍‌ରେ ଜୋର୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ସୁପୋଷିତ ଶିଶୁ ଶକ୍ତିଶାଳୀ ରାଷ୍ଟ୍ରର୍ ମୂଳଦୂଆ ଆଏ । ‘ଜୀବନ୍‌ର ପହେଲା ୬ ବଛ୍‌ରେ ମସ୍ତିଷ୍କ ବିକାଶ୍‌ର ସର୍ବାଧିକିକରଣ୍’ ଇ ବଛର୍ ପୋଷଣ୍ ପଖ୍‌ୱାଡ଼ାର ବିଷୟବସ୍ତୁ ରହିଛେ । ବୈଜ୍ଞାନିକ୍ ତଥ୍ୟ ଅନ୍‌ସାରେ ମସ୍ତିଷ୍କର୍ ୮୫ ପ୍ରତିଶତ୍‌ନୁ ଅଏତ୍‌କା ବିକାଶ୍ ୬ ବଛର୍‌ତକ୍ ହେସି । ଇଥିର୍‌ଲାଗି ଯଥେଷ୍ଟ ପରିମାଣ୍‌ର ପୋଷଣ୍ ସନ୍ତୁଳିତ ଯତନ୍ ଆଉ ପ୍ରାରମ୍ଭିକ ଶିକ୍ଷାକେ ଜୋର୍ ଦିଆଯାଇଛେ । ପଖ୍‌ୱାଡ଼ା

ସମିଆଥି ଦେଶର୍ ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ର ଶାସିତ୍ ଅଂଚଲ୍‌ର ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ଓଡ଼ିଆ ପକ୍ଷ - ରକ୍ତଦାନ୍ କଲାହାଣ୍ଡି/ସୁବର୍ଣ୍ଣପୁର/ବୌଦ୍ଧ/ଦେବ୍‌ଗଡ଼୍

ଓଡ଼ିଆ ପକ୍ଷ ପାଲନ୍‌ର ୮ ନମ୍ବର୍ ଦିନେ ଆଏଜ୍ ରକ୍ତଦାନ୍ ଦିବସ୍‌ର ଆୟୋଜନ୍ କରାଯାଇଛେ । ଇ ଅବ୍‌ସରେ ଜିଲ୍ଲା ସଦର୍ ମହକୁମା ନ ଥିବା ମହାବିଦ୍ୟାଳୟ ଆଉ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉ ତାର୍ ଅଧୀନ୍‌ଥି ଥିବା ରକ୍ତଭଣ୍ଡାର୍ ମାନ୍‌କେ ରକ୍ତଦାନ୍ ଶିବିର୍‌ମାନ୍ କରାଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱେଚ୍ଛାକୃତ ରକ୍ତଦାନ୍ କରିକରି ରାଏଜେ ରକ୍ତଦାନ୍ ଆନ୍ଦୋଲନ୍‌କେ ସଫଲ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ରକ୍ତଦାନ୍ ଶିବିର୍ ଆୟୋଜିତ୍ ହେଇଛେ । କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଶିବିର୍‌ଥି

ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ଭାରପ୍ରାପ୍ତ କୁଳପତି ପ୍ରମୁଖ ଯୋଗ୍ ଦେଇକରି ରକ୍ତଦାତାମାନ୍‌କୁ ଉତ୍ସାହିତ୍ କରିଥିଲେ । ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ରେଡ଼କ୍ରସ୍ ଶାଖା ତର୍‌ଫୁ ହେଇଥିବା ସ୍ୱେଚ୍ଛାକୃତ ରକ୍ତଦାନ୍ ଶିବିର୍‌ଥି ଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଯୁବପିଢ଼ିକେ ରକ୍ତଦାନ୍ କର୍‌ବାର୍ ଲାଗି ପ୍ରୋତ୍ସାହିତ୍ କରିଥିଲେ । ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଜିଲ୍ଲା ରକ୍ତଭଣ୍ଡାର୍ ଠାନେ ରକ୍ତଦାନ୍ ଅଭିଯାନ୍ ହେଇଯାଇଛେ । ଜିଲ୍ଲାପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିବିର୍‌କେ ଉଦ୍‌ଘାଟନ୍ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲାସ୍ୱାସ୍ଥ୍ୟ ସମିତି ତର୍‌ଫୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର୍ ନ ଥିବା ବ୍ଲଡ଼୍‌ବେଙ୍କ୍ ନ ରକ୍ତଦାନ୍ ଶିବିର୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଦେବ୍‌ଗଡ଼୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଅଭିଯାନ୍‌ର ଶୁଭାରମ୍ଭ କରିଥିଲେ ।

ରତ୍ନଭଣ୍ଡାର୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ବାହାର୍ ରତ୍ନଭଣ୍ଡାର୍ ନ ଥିବା ଅଳଙ୍କାର୍ର ଗନ୍ତିମନ୍ତି ପ୍ରକ୍ରିୟା ଆଏଜ୍ଠାନୁ ମୁଲ୍ ହେଇଛେ । ୨ ନମ୍ବର୍ ଖେପ୍ ଗନ୍ତି ପ୍ରକ୍ରିୟା ଆଏବା ଶନିବାର୍ ତକ୍ ଚାଲ୍ବା । ୧୩ ତାରିଖ୍ ଆଉ ୧୬ ନୁ ୧୮ ତାରିଖ୍ତକ୍ ଇ ଗନ୍ତି କାମ୍ କରାଯିବା । ମାହାପୁରୁମାନ୍କର୍ ବାହାର୍ ରତ୍ନଭଣ୍ଡାର୍ ନ ବହୁତ୍ ମୂଲ୍ୟବାନ୍ ରତ୍ନଅଲଙ୍କାର୍ ଥିବାର୍ନୁ ସ୍ୱଚ୍ଛତାର୍ ସହେତେ ଗନ୍ତି କାମ୍ କର୍ବାର୍ ଲାଗି ପ୍ରଶାସନ୍ ତର୍ଫୁ ନିଷ୍ପତି ନିଆଯାଉଛେ ବଲି ଗନ୍ତିମନ୍ତି କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ ।

(ଭଏସ୍ ଓଭର୍- ବିଶ୍ୱନାଥ ରଥ)

ସ୍ନାନଯାତ୍ରା ଆଘୋନୁ ରତ୍ନଭଣ୍ଡାର୍ ଗଣନା ଆଉ ଯାଂଚ୍ ପ୍ରକ୍ରିୟା ଶେଷ୍ କର୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ଚେରେଷ୍ଟା ଜାରି ରହିଛେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଇ ଗଣନାକେ ୧୯୭୮ ମସିହାର୍ ତଥ୍ୟ ସାଙ୍ଗେ ମେଲ୍ କରାଯିବା । ସେଥିର୍ଲାଗି ଆଧୁନିକ୍ ପ୍ରଣାଳୀ ଜରିଏ ଡିଜିଟାଲ୍ ଫଟୋଗ୍ରାଫି କରାଯାଇକରି ସବୁ ସମ୍ପତିର ରେକର୍ଡ଼ ସଂରକ୍ଷଣ୍ କରାଯିବା । ଇତାର୍ସହେତେ ଲମ୍ବା

ସମିଆ ଲାଗି ସୁରକ୍ଷିତ୍ ରଖିବାର୍ ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଆଏଜ୍ ଉପର୍‌ବେଲା ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହଦେବ ଗଣତିମନ୍‌ତି କାମ୍‌ର ଅନୁଧ୍ୟାନ୍ କର୍‌ବାର୍ ଲାଗି ଯାଇଥିଲେ । ଶ୍ରୀମନ୍ଦିର୍ ଦକ୍ଷିଣ ଦ୍ୱାର ଦେଇକରି ଗଜପତି ମହାରାଜ୍ ପାରମ୍ପାରିକ୍ ବେଶ୍‌ଭୂଷାଥି ମନ୍ଦିର୍ ଭିତର୍‌କେ ଯାଇଥିଲେ ।

କନିଷ୍ଠ ସହାୟକ ନିଯୁକ୍ତି ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ରାଜସ୍ୱ ସେବାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ୧ ହଜାର୍ ୩ ଶହ ୬୩ ଝନ୍ କନିଷ୍ଠ ରାଜସ୍ୱ ସହାୟକ ମାନ୍‌କୁ ସିଧାସଲଖ୍ ନିଯୁକ୍ତି କରାଯିବା । ନିଯୁକ୍ତି ଲାଗି ଅର୍ଥ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ହେଇଥିବା କମିଟିର୍ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଇ ବାବ୍‌ଦେ ଚିଠି ଲେଖିକରି ଜିଲ୍ଲାପାଲ୍‌ମାନ୍‌କୁ

ଜଣେଇଛନ୍ । ଜିଲ୍ଲାଭିତିକ ଖାଲି ଥିବା ପଦ୍‌ବୀଥି ଅନୁସୂଚିତ ଜାତି, ଜନଜାତି ଆଉ ସାମାଜିକ ଆଉ ଶିକ୍ଷାଗତ ପଛୁଆ ବର୍ଗ ସହେତେ ମହିଳା, ଦିବ୍ୟାଙ୍ଗ ଆଉ ଖେଳାଳିମାନ୍‌କର୍ ଲାଗି ଦର୍‌କାରୀ ସଂରକ୍ଷଣ୍ ରଖିବାର୍ ଲାଗି ଚିଠିଥି କୁହାଯାଇଛେ ।

ପିଜି ପ୍ରବେଶିକା ପରୀକ୍ଷା      ହି.ସ.

ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଏକକ ସ୍ନାତକୋତର୍ ପ୍ରବେଶିକା ପରୀକ୍ଷା ଆଏବା ମାସର୍ ୫ ତାରିଖିନୁ ମୁଲ୍ ହେଇକରି ୧୬ ତାରିଖ୍‌ତକ୍ ଚାଲ୍‌ବା ବଲି ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ଼- ଏସ୍‌ଏସ୍‌ବି ତର୍‌ଫୁ କୁହାଯାଇଛେ । ଇ ମାସର୍ ୩୦ ତାରିଖିନୁ ଛାତ୍ରଛାତ୍ରୀମାନେ ssbodisha.ac.in ୱେବ୍‌ସାଇଟ୍‌ନୁ ଏଡ଼ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ । ମୋଟ୍ ୫୦ ଟା ସ୍ନାତକୋତର ବିଷେ ଲାଗି ପରୀକ୍ଷା ହେବା ।

ଝାର୍‌ସୁଗୁଡ଼ା ଟାସ୍କାଫୋର୍ସ      ହି.ସ.

ଝାର୍‌ସୁଗୁଡ଼ା ଜିଲ୍ଲା ନ ଶିଶୁ ଭିକ୍ଷାବୃତି ସମସ୍ୟାର୍ ସମାଧାନ୍ ଲାଗି ରାଜ୍ୟ ଶିଶୁ ଅଧିକାର୍ ସୁରକ୍ଷା ଆୟୋଗଙ୍କର୍ ନିର୍ଦ୍ଦେଶାବଳୀ ଅନ୍‌ସାରେ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗଠନ୍ କରାଯାଇଛେ । ଜିଲ୍ଲା ନୁ ଶିଶୁ ଭିକ୍ଷାବୃତିକେ ପୁରାପୁରି ଭାବେ ବନ୍ଦ୍ କର୍‌ବାର୍ ଇ କମିଟି ମୁଖ୍ୟ ଉଦ୍ଦେଶ୍ୟ ଆଏ । ରାଜ୍ୟ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ଇ ଟାସ୍କଫୋର୍ସଥି ଜିଲ୍ଲାର୍ ପ୍ରମୁଖ ବିଭାଗୀୟ ଅଧିକାରୀମାନ୍‌କୁ ସାମିଲ୍ କରାଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ କହିଛନ୍, ଟ୍ରାଫିକ୍ ଛକ୍, ବସ୍‌ଷ୍ଟେଣ୍ଡ୍, ରେଲ୍‌ଷ୍ଟେସନ୍ ଆଉ ସର୍ବସାଧାରଣ ଜାଗା ମାନ୍‌କେ ଛୁଆମାନ୍‌କୁ ଚିହ୍ନଟ୍ କରିକରି ସେମାନ୍‌କୁ ଉଦ୍ଧାର୍ କରାଯିବା । ସେମାନ୍‌କୁ ଶିଶୁଯତ୍ନକେନ୍ଦ୍ର ନ ରଖାଯାଇକରି ଶିକ୍ଷା, ସ୍ୱାସ୍ଥ୍ୟ ଆଉ ଦର୍‌କାରୀ କାଉନ୍‌ସେଲିଂ ଦିଆଯିବା । ଶିଶୁମାନ୍‌କର୍ ଅଧିକାର୍‌କେ ସୁରକ୍ଷା ଦେବାର୍ ଲାଗି ପୁଲିସ୍ ଆଉ ଶିଶୁ ସୁରକ୍ଷା ୟୁନିଟ୍ ମିଲିତ୍ ଭାବେ କାମ୍ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ ।

ରୋପୋରେଟ      ଏନ୍‌ଏସ୍‌ଡି

ଭାରତୀୟ ରିଜର୍ଭ ବେଙ୍କ୍- ଆର୍‌ବିଆଇ ରେପୋରେଟ୍‌କେ ୫ ଦଶ୍ମିକ୍ ୨/୫ ପ୍ରତିଶତ୍ ଅପରିବର୍ତ୍ତିତ୍ ରଖିଛନ୍ । ରିଜର୍ଭ ବେଙ୍କ୍ ଗଭର୍ଣ୍ଣର୍ ସଞ୍ଜୟ ମଲ୍‌ହୋତ୍ରାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ମୁଦ୍ରାନୀତି କମିଟିର୍ ୩ ଦିନିଆ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଆର୍‌ବିଆଇର ନିଷ୍ପତି ଲାଗି ବେଙ୍କ୍ ମାନ୍ ସବୁ ସୁଧ ହାର୍‌ଥି କେନ୍‌ସି ପରିବର୍ତନ୍ ନାଇଁକରନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଛର୍ ମୌସୁସୀ ଋତୁଥି ଦେଶେ ସ୍ୱାଭାବିକ୍ ବର୍ଷା ହେବା ବଲି ଭିନ୍ ଭିନ୍ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥା ମାନେ ଦୀର୍ଘକାଳୀନ ଆକଳନ୍ କରିଛନ୍ । ମୌସୁମୀ ମେ ମାସର୍ ୩୧ ତାରିଖ୍‌ନୁ ଜୁନ୍ ମାସର୍ ୨ ତାରିଖ୍ ଭିତ୍‌ରେ କେରଳ ଛୁଇଁବା ଆଉ ଜୁନ୍ ୧୦ ନୁ ୧୫ ତାରିଖ୍ ଭିତ୍‌ରେ ଓଡ଼ିଶା ଛୁଇଁବା ବଲି ପାଣିପାଗ୍ ସଂସ୍ଥମାନେ ଅନୁମାନ୍ କରିଛନ୍ । ସେଆଡ଼େ

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍ ସହେତେ ରାଜ୍ୟର୍ ୨୦ ଜିଲ୍ଲା ନ ଧୁକାଗର୍ଡ଼ି ଆଉ ବର୍ଷାର୍ ସମ୍ଭାବନା ରହିଛେ ।